## କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ୪ଟି ପୁସ୍ତକ ସମ୍ପର୍କରେ ଅନୁଷ୍ଠିତ ହେଲା ଆଲୋଚନା

# ଗୌରହରି ଦାସଙ୍କ ଗଳ୍ପ ସଙ୍କଳନ 'କଣ୍ଢା ଓ ଅନ୍ୟାନ୍ୟ ଗଳ୍ପ' ଏକ ସାର୍ଥକ ସୃଷ୍ଟି, କହିଲେ କୃଷ୍ଣା ଭଟ୍ଟାଚାର୍ଯ୍ୟ

ବାଲେଶ୍ୱର, ୨୯/୦୫, (ନି.ପ୍ର) କେନ୍ଦ୍ର ସାହିତ୍ୟ ଏକାଡେମୀର କୋଲକାତା ସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ପ୍ରେକ୍ଷାଳୟରେ ଏକ ପୁସ୍ତକ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଏଥିରେ ଅତିଥି ଆଲୋଚକ ଭାବେ ଯୋଗ ଦେଇ ବଙ୍ଗଳାରେ ଅନୁଦିତ ଏବଂ ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ଚାରିଟି ପୁସ୍ତକ ସମ୍ପର୍କରେ ଚର୍ଚ୍ଚା କରିଥିଲେ ବିଶିଷ୍ଟ ଅନୁବାଦିକା ପ୍ରଫେସର କୃଷ୍ଣା ଭଟ୍ଟାଚାର୍ଯ୍ୟ ଏବଂ ଶ୍ୟାମଳ ଭଟ୍ଟାଚାର୍ଯ୍ୟ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ ସାହିତ୍ୟ ଏକାଡେମୀ କୋଲକାତାର ଭାରପ୍ରାପ୍ତ ଅଧିକାରୀ କ୍ଷେତ୍ରବାସୀ ନାଏକ।




ଡକ୍ଟର ଗୌରହରି ଦାସଙ୍କ ଏକାଡେମୀ ପୁରସ୍କାରପ୍ରାପ୍ତ ମୂଳ ଓଡ଼ିଆ ଗଳ୍ପ ସଙ୍କଳନ 'କଣ୍ଢା ଓ ଅନ୍ୟାନ୍ୟ ଗଳ୍ପ'ର ବଙ୍ଗଳା ଅନୁବାଦ ପୁସ୍ତକ ସମ୍ପର୍କରେ ଆଲୋଚନା କରିବା ପୂର୍ବକ ପ୍ରଫେସର ଭଟ୍ଟାଚାର୍ଯ୍ୟ କହିଥିଲେ ଯେ, ସଂକଳନର ଗଳ୍ପଗୁଡ଼ିକରେ ସାମ୍ପ୍ରତିକ ସମାଜର ନିଚ୍ଛକ ପ୍ରତିଛବି ରହିଛି। ଏହା ଏକ ସାର୍ଥକ ସୃଷ୍ଟି। ମୁଖ୍ୟତଃ ନାରୀ ଚରିତ୍ରମାନଙ୍କର କଥା କହିବାବେଳେ ଲେଖକଙ୍କର ବର୍ଣ୍ଣନା ଖୁବ୍ ଜୀବନ୍ତ ଓ ମର୍ମସ୍ପର୍ଶୀ ହୋଇଛି। ଗଳ୍ପଗୁଡ଼ିକ ପଢ଼ିବା ବେଳେ ପାଠକକୁ ଲାଗିବ ଯେମିତି କି ସେ ତାହାର ଆଖପାଖରେ ସେମାନଙ୍କୁ ଦେଖିଛି। ଡକ୍ଟର ଦାସଙ୍କ ଏକାଧିକ ଗଳ୍ପରେ କୁସଂସ୍କାର ଓ ଅନ୍ଧବିଶ୍ୱାସ ହେତୁ କିଭଳି ନାରୀ ନିର୍ଯ୍ୟାତିତ ହେଉଛି ତାହାର କାହାଣୀ ଉପସ୍ଥାପିତ କରିଛନ୍ତି । ଆଉ କେତେକ ଗଳ୍ପରେ ଅସାଧୁ ଏବଂ ଲୋଭୀ ମଣିଷର ନଗ୍ନ ଚରିତ୍ରକୁ ପଦାରେ ପକାଇଛନ୍ତି ଗାଳ୍ପିକ। ସଂକଳନର ଷୋହଳଟି ଗଳ୍ପ ସଂପର୍କରେ ମାର୍ମିକ ଭାବରେ ଆଲୋଚନା କରିଥିଲେ ପ୍ରଫେସର ଭଟ୍ଟାଚାର୍ଯ୍ୟ।

ସୂଚନାଯୋଗ୍ୟ ଯେ ୨୦୧୨ ମସିହାରେ ଗଳ୍ପ ସଙ୍କଳନ 'କଣ୍ଢା ଓ ଅନ୍ୟାନ୍ୟ ଗଳ୍ପ' ପାଇଁ ଡକ୍ଟର ଦାସ ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ତିନିଟି ବଙ୍ଗଳା ଅନୁବାଦ ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ ବିଶିଷ୍ଟ ଅନୁବାଦକ ଶ୍ୟାମଳ ଭଟ୍ଟାଚାର୍ଯ୍ୟ। ସେଗୁଡ଼ିକ ହେଉଛି ବେଦ ରାହୀଙ୍କ ଡୋଗ୍ରୀ ଗଳ୍ପ ସଙ୍କଳନ 'ଆୟ ରେ', ଓମ ଗୋସ୍ୱାମୀଙ୍କ ଡୋଗ୍ରୀ ସଙ୍କଳନ 'ସୋନାର ପକ୍ଷୀ' ଏବଂ ମୋହନ ଭଣ୍ଡାରୀଙ୍କ ପଞ୍ଜାବୀ ଗଳ୍ପ ସଙ୍କଳନ 'କୁମାରୀ ହରିନୀର ଚୋଖ'।

ଶେଷରେ ଆଲୋଚକଦ୍ୱୟ ଶ୍ରୋତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବଙ୍ଗଳା ଭାଷାର ବହୁ ଲେଖକ ଏବଂ ଅନୁବାଦକ ଯୋଗ ଦେଇଥିଲେ।